# Akashvani, Sambalpur

## SAMBALPURI NEWS EVENING BULLETIN

## 11 October 2026-7.02- 7.12 pm.

---

୧- ଶକ୍ତି ଆଉ ଉପାସନାର୍ ପର୍ବ ନବରାତ୍ରୀ ଆଏଜ୍‌ଠାନୁ ହେଲା ମୁଳ୍, ଶକ୍ତିପୀଠମାନ୍‌କେ ଚାଲିଛେ ମା'ଙ୍କର୍ ଖାସ୍ ପୂଜାର୍ଚ୍ଚନା ।

- ସମ୍ବଲ୍‌ପୁର୍ ନ ଚାଲିଛେ ମା' ସମଲେଶ୍ୱରୀଙ୍କର୍ ଧବଲ୍‌ମୁଖୀ ଦର୍ଶନ୍ ।

୨- ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାକେ ଆଏଜ୍ ପୁର୍‌ଲା ଗୁଟେ ବଛର୍ ।

୩- ବାଲ୍ୟବିବାହ ବନ୍ଦ୍ ଆଉ କନ୍ୟା ସନ୍ତାନ୍‌କେ ସହଯୋଗ୍ ଦେବାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ।

ଆଉର୍

୪- ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବା ମଙ୍ଗଲ୍‌ବାର୍ ତକ୍ ହେଇପାରେ ଲଘୁଚାପ୍ କ୍ଷେତ୍ର -ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

ନବରାତ୍ର ସମ୍ବଲପୁର/ନୂଆପଡ଼ା/ସୁବର୍ଣ୍ଣପୁର/ଦେବ୍‌ଗଡ଼/ବୌଦ୍ଧ

ସମ୍ବଲ୍‌ପୁର୍ ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ଦେବୀ ପୀଠ ମାନ୍‌କେ ନବରାତ୍ରୀ ପୂଜା ମୁଲ୍ ହେଇଛେ । ଗଲାକାଏଲ୍‌ଠାନୁ ମା ସମଲେଇ ଧବଲ୍‌ମୁଖୀ ବେଶ୍‌ଥି ଦର୍ଶନ୍ ଦଉଛନ୍ । ହଜାର୍ ହଜାର୍ ଭକ୍ତ ଲାଇନ୍‌ଥି ଯାଇକରି ମା'ଙ୍କର୍ ଇ ବେଶ ଦର୍ଶନ୍ କରୁଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ ଅଧରାଏତ୍‌ନୁ ମହାବଲୀ ଯାତ୍ରା ମୁଲ୍ ହେଇଛେ । ଇଲାକାର୍ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ମନ୍ଦିର୍ ନୁ କଳାଧଳା ଛତିଛତର୍ ବରଣ୍ ହେଇକରି ଆସ୍‌ଲା ଉତ୍‌ରୁ ରାତି ସମଲେଶ୍ୱରୀଙ୍କର୍ ମନ୍ଦିର୍‌ନୁ ବରୁଆ ମହାନଦୀ ଖଁଡ଼ି ବୁଢ଼ାରଜା ପୀଠକେ ଯାଇଥିଲେ । ସେନ୍ତା ଜିଲ୍ଲାର୍ ଭିନ୍ ଭିନ୍ ଦେବୀ ପୀଠ ନ ଭିଲ୍ ଷୁଲ୍‌ହ ପୂଜା ମୁଲ୍ ହେଇଛେ । ଶତାଧିକ୍ ମାହେଶ୍ୱରୀ ପୀଠ ନ ଦେବୀ ମାହେଶ୍ୱରୀ ଆଉ ପରମେଶ୍ୱରୀଙ୍କର୍ ଷୁଲ୍‌ହ ପୂଜା ଜାରି ରହିଛେ । ଗଲାକାଏଲ୍ ଦେବୀ ଧବଲ୍‌ମୁଖୀ ବେଶ୍‌ଥି ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଶକ୍ତିପୀଠ ଆଉ ମଣ୍ଡପ୍ ମାନ୍‌କେ ଆଏଜ୍‌ଠାନୁ ନବରାତ୍ର ପୂଜା ମୁଲ୍ ହେଇଛେ । ବୌଦ୍ଧ ସହର୍

ମାଲିସାହି ଆଉ ରାମ୍‌ମନ୍ଦିର୍ ନ ଥିବା ଦୁର୍ଗାମନ୍ଦିର୍ ଠାନେ ଧୁମ୍‌ଧାମ୍‌ଥି ଷୁଲ୍‌ହ ପୂଜା ଚାଲିଛେ । ଇତାର୍‌ସହେତେ ଜିଲ୍ଲାର୍ ପ୍ରସିଦ୍ଧ ଶକ୍ତିପୀଠ ପୁରୁଣାକଟକ୍‌ର ମା ଭୈରବୀଙ୍କର୍ ଠାନେ ଭିଲ୍ ଷୁଲ୍‌ହ ପୂଜା ଚାଲିଛେ ।

ନୂଆପଡ଼ା ଜିଲ୍ଲାର୍ ପୀଠମାନ୍‌କେ ମା' ଦୁର୍ଗାଙ୍କର୍ ଦଶ୍‌ରା ପରବ୍ ମୁଲ୍ ହେଇଛେ । ପୀଠମାନ୍‌କେ ଷୁଲ୍‌ହ ଉପଚାର୍ ସହେତେ ସଖାଲ୍ ଆର୍ ସଞ୍ଜେ ରୀତିନୀତିଥି ପୂଜା ହଉଛେ ।

ଦେବ୍‌ଗଡ୍ ଜିଲ୍ଲାର୍ ଶକ୍ତିପୀଠମାନ୍‌କେ ନବରାତ୍ରୀ ପୂଜା ମୁଲ୍ ହେଇଛେ । ଦେବୀ ପ୍ରଧାନୀ ପୀଠ, ମା ଦକ୍ଷିଣକାଳୀ ମନ୍ଦିର୍, ମା କନକଦୁର୍ଗା ମନ୍ଦିର୍, ମା ବନଦୁର୍ଗା ପୀଠ, ମା ମାହେଶ୍ୱରୀ ପୀଠ ନ ରୀତିନୀତି ଅନ୍‌ସାରେ ପୂଜା ଚାଲିଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରୀ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ସମ୍‌କର୍ ଲାଗି ସୁଖ୍ ଶାନ୍ତି ସମୃଦ୍ଧି ଆଉ ଉତମ୍ ସ୍ୱାସ୍ଥ୍ୟ କାମନା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ ଏକତା ଆଉ ପ୍ରଗତି ଲାଗି ଦେଶର୍ ସଂକଳ୍ପକେ ଆହୁରି ମଜ୍‌ବୁତ୍ କର୍‌ବାର୍‌କେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ପି.ଏମ୍. ଧନଧାନ୍ୟ ଯୋଜ୍ନା ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍ନାକେ ଆଏଜ୍ ବଛ୍ରେ ପୁରିଛେ । ଗଲାବଛର୍ ଅକ୍ଟୋବର୍ ମାସ ୧୧ ତାରିକ୍ଥି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ଶହେ ଟା ଆକାଂକ୍ଷୀ ଜିଲ୍ଲା ନ କୃଷି କ୍ଷେତ୍ରକେ ଅଏତ୍କା ବର୍କସ୍ କର୍ବାର୍ ଲକ୍ଷ୍ୟ ନେଇକରି ଇ ଯୋଜ୍ନାର୍ ଶୁଭାରମ୍ଭ କରିଥିଲେ । କେନ୍ଦ୍ର କେବିନେଟ୍ର ଅନୁମୋଦନ୍ ଅନ୍ସାରେ ଯୋଜ୍ନାର୍ ସମିଆକେ ୬ ବଛର୍ ଧାରିଜ୍ କରାଯାଇଛେ । ଜିଲ୍ଲାସ୍ତର୍ ନ କୃଷି କ୍ଷେତ୍ରର୍ ଆବଶ୍ୟକତାକେ ପୁରା କର୍ବାର୍ ଲକ୍ଷ୍ୟ ନେଇକରି ସମ୍ପୃକ୍ତ ରାଜ୍ୟ, ଘରୋଇ କ୍ଷେତ୍ର, ୧୧ ଟା ମନ୍ତ୍ରଣାଳୟ ଆଉ ବିଭାଗ୍ର ୩୬ ଟା ଅଲ୍ଗା ଯୋଜ୍ନାକେ ସମନ୍ୱିତ୍ କରିକରି ପି.ଏମ୍. ଧନଧାନ୍ୟ କୃଷି ଯୋଜ୍ନାକେ କାର୍ଯ୍ୟକାରୀ କରାଯାଇଛେ ।

ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ । ଲିଙ୍ଗଗତ ସମାନତା ଆର୍ ଟୁକେଲ୍ ଛୁଆମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍‌କେ ଇ ଦିନ୍ ପାଲନ୍ କରାଯାଉଛେ । ୨୦୧୧ ମସିହା ଡିସେମ୍ବର୍ ୧୯ ତାରିଖ୍ ଦିନ ମିଳିତ ଜାତିସଂଘର୍ ସାଧାରଣ ପରିଷଦ୍‌ଥି ଆନ୍ତର୍ଜାତୀୟ କନ୍ୟାସନ୍ତାନ୍ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ପାରିତ୍ ହେବାର୍ ଉତ୍‌ରୁ ୨୦୧୨ ମସିହାନୁ ଫି ବଛର୍ ଅକ୍ଟୋବର୍ ୧୧ ତାରିଖ୍‌କେ ଆନ୍ତର୍ଜାତୀୟ କନ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଟୁକେଲ୍‌ମାନେ ଯେନ୍ତା ଶିକ୍ଷା, ପୋଷଣ, ଶାରୀରିକ୍ ଆର୍ ମାନସିକ କଲ୍ୟାଣ, ଆଇନ୍‌ଗତ ଅଧିକାର୍ ସବୁ କ୍ଷେତ୍ର ନ ଭେଦ୍‌ଭାବ୍‌ର ଶିକାର୍ ନାଇଁ ହେବେ ସେ ବାବ୍‌ଦେ ସମାଜ୍‌କେ ସଚେତନ୍ କର୍‌ବାର୍ ଇ ଦିନ୍ ପାଲନ୍‌ର ଉଦ୍ଦେଶ୍ୟ ଆଏ । ଇ ବଛର୍ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍‌ର ବିଷୟ 'ବାଲ୍ୟବିବାହ ବନ୍ଦ କର୍‌ମା ଆଉ ଟୁକେଲ୍ ଛୁଆମାନ୍‌କୁ ସହଯୋଗ୍ ଦେମା' ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ତର୍ଜାତୀୟ ବାଳିକା ଦିବସ୍ ଅବ୍‌ସରେ ଟୁକେଲ୍ ଛୁଆମାନ୍‌କର୍ ସାମର୍ଥ, ସପନ୍ ଆର୍ ଅସୀମ୍ ସମ୍ଭାବନାକେ ସୁର୍‌ତା କରିଛନ୍ । ସବୁ ଟୁକେଲ୍ ଛୁଆମାନ୍‌କର୍ ସୁରକ୍ଷା,

ସମ୍ମାନ୍, ଶିକ୍ଷା, ଆଉ ସର୍ବାଙ୍ଗୀନ୍ ସଶକ୍ତିକରଣ୍ ସୁନିଶ୍ଚିତ୍ କର୍‌ବାର୍‌କେ ସର୍‌କାର୍ ପ୍ରତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ ।

ୟୁଜିଟି ନେଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ - ଏନ୍‌ଟିଏ ପରିଚାଲିତ୍ ୟୁଜିସି ନେଟ୍ ୨୦୨୬ ପରୀକ୍ଷା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇ ମାସର୍ ୨୮ ତାରିଖ୍ ତକ୍ ଅନ୍‌ଲାଇନ୍ ଜରିଏ ଆବେଦନ୍‌ର ସୁଯୋଗ୍ ରହିଛେ । ଡିସେମ୍ବର୍ ୧୪ ନୁ ୧୯ ତାରିଖ୍ ଭିତ୍‌ରେ ପରୀକ୍ଷା ହେବା ବଲି ଏନ୍‌ଟିଏ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ବାବ୍‌ଦେ ଛାତ୍ରଛାତ୍ରୀମାନେ ଏନ୍‌ଟିଏର ୱେବ୍‌ସାଇଟ୍ ugcnet.nta.nic.in ଥି ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ପାରାଦ୍ୱୀପ୍ ବନ୍ଦର୍-ରେକର୍ଡ୍        ପି.ଆଇ.ବି.

ପାରାଦ୍ୱୀପ୍ ବନ୍ଦର୍ ପ୍ରାଧିକରଣ୍- ପିପିଏ ଅଧୀନ୍‌ଥି ଥିବା ମେକାନାଇଜଡ୍ କୋଲ୍ ହେଣ୍ଡ୍‌ଲିଂ ପ୍ଲାଂଟ୍ ଗଲାକାଏଲ୍ ଗୁଟେ ଦିନେ ସର୍ବାଧିକ୍ ୧ ଲାଖ୍ ୪୦ ହଜାର୍ ୨୨ ମେଟ୍ରିକ୍ ଟନ୍ କୁଇଲା ଲୋଡିଂ କରିକରି ନୂଆଁ ରେକର୍ଡ୍ କରିଛେ । ଇ ନୂଆଁ ରେକର୍ଡ୍ ଆଘର୍ ରେକର୍ଡ୍ ଠାନୁ ୨୫ ଶହ ୨୨ ମେଟ୍ରିକ୍ ଟନ୍ ଅଏତ୍‌କା ଆଏ । ଯେନ୍‌ଟା ବନ୍ଦର୍‌ର ମାଲ୍ ପରିଚାଳନା ଦକ୍ଷତା ଆଉ କାର୍ଯ୍ୟକ୍ଷମତାଥି ଉନ୍ନତିକେ ପ୍ରତିଫଳିତ୍ କରୁଛେ ।

ଗୁପ୍ତ ଗୁଣ୍ଡିଚା ଯାତ୍ରା        ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଦୁର୍ଗାମାଧବ ଉପାସନାଥି ଆଏଜ୍‌ଠାନୁ ୮ ଦିନ୍‌ତକ୍ ଗୁପ୍ତ ଗୁଣ୍ଡିଚା ଯାତ୍ରା ମୁଲ୍ ହେଇଛେ । ଶ୍ରୀଜଗନ୍ନାଥ୍ ଇ ଯାତ୍ରାଥି ମା’ ମହାଲକ୍ଷ୍ମୀ ସ୍ୱରୂପା ମା ଦୁର୍ଗାଙ୍କୁ ସାଙ୍ଗେ ନେଇକରି ଦୋଳମଣ୍ଡପ ସାହି ନ ଥିବା ନାରାୟଣୀ ମନ୍ଦିର୍‌କେ ବିଜେ କରିଛନ୍ । ଦଶ୍‌ରା ମାସେ ଷୁଲ୍‌ହ ପୂଜା ସମିଆଥି ପହେଲା ୮

ଦିନ୍ ଦୁର୍ଗାମାଧବ ଶ୍ରୀମନ୍ଦିର୍ ପରିସର୍ ନ ଥିବା ମା’ ବିମଲାଙ୍କର୍ ମନ୍ଦିର୍ ଜଗ୍‌ମୋହନ୍ ନ ପୂଜା ପାଉଥିବାର୍ ବେଲେ ଶେଷ୍ ୮ ଦିନ୍ ଦୋଲମଣ୍ଡପ ସାହି ନାରାୟଣୀ ମନ୍ଦିର୍‌କେ ବିଜେ କର୍‌ସନ୍ । ସାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଇତାର୍ ପୌରାଣିକ୍ ମାନ୍ୟତା ରହିଛେ । ଆଏଜ୍ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ମାହାପୁରୁଙ୍କର୍ ଇ ଯାତ୍ରା ମୁଲ୍ ହେଇଛେ ।

ବନ୍ଦେ ଭାରତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀକ ଜୀବନଥି ୨୫ ବଛର୍ ପୁରା କରିଛନ୍ । ‘ଜନସେବାନୁ ଦେଶସେବା’ ମନ୍ତ୍ରକେ ଆଧାର କରିକରି ତାଙ୍କର୍ ଇ ଜୟଯାତ୍ରା ଜାରି ରହିଛେ । ‘ସେବା ଆଉ ସୁଶାସନ’ର ଇ ଦୃଷ୍ଟିକୋଣକେ ନେଇକରି ୨୦୪୭ ତକ୍ ବିକଶିତ ଭାରତ୍ ଗଠନ୍‌ର ଲକ୍ଷ୍ୟ ହାସଲ୍ ଦିଗେ ସର୍‌କାର୍ ଲଗାଏତ୍ କାମ୍ କରୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ ସଶକ୍ତିକରଣ

ଜରିଏ ଇ ଚେଷ୍ଟା ଜନଜୀବନଥି ପରିବର୍ତନ୍ ଆନିଛେ । ଆମର୍ ଇ ଖାସ୍ ଶୃଙ୍ଖଲାଥି ଆଏଜ୍ ଜାନ୍‌ମା 'ବନ୍ଦେ ଭାରତ୍' ବାବ୍‌ଦେ ।

(ଭଏସ୍ ଓଭର୍-ସୁପ୍ରୀତି ମିଶ୍ର)

ଭାରତୀୟ ରେଲ୍‌ର ଆଧୁନିକୀକରଣ୍ ଆଉ ଯାତ୍ରୀସେବାଥି ନୂଆଁ ଅଧ୍ୟାୟ ଜୁଡ଼ିଛେ ବନ୍ଦେ ଭାରତ୍ ଏକ୍ସପ୍ରେସ୍ । ଦ୍ରୁତଗତି ଆଧୁନିକ୍ ପ୍ରଯୁକ୍ତି ଆଉ ଉନ୍ନତ୍ ଯାତ୍ରୀ ସୁବିଧାକେ ନେଇକରି ଟ୍ରେନ୍ ଦେଶର୍ ରେଲ୍‌ଯାତ୍ରାର୍ ଚିତ୍ରକେ ବଦ୍‌ଲାବାର୍‌ଥି ସାହାଜ୍ କରିଛେ । ଓଡ଼ିଶାର୍ ଭିନ୍ ଭିନ୍ ପ୍ରମୁଖ ସହର୍‌କେ ଜଲ୍‌ଦି, ଆଧୁନିକ୍ ଆଉ ସୁବିଧାଜନକ୍ ରେଲ୍‌ଯାତ୍ରାର୍ ଅନୁଭୂତି ଦେବାର୍‌ଥି ଇ ଟ୍ରେନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ୍ କରୁଛେ । ଭୁବ୍‌ନେଶ୍ୱର୍, ପୁରୀ, କଟକ୍, ରାଉର୍‌କେଲା, ବ୍ରହ୍ମପୁର୍ ଆଉ ଅଲ୍‌ଗା ଅଂଚଲ୍‌ର ଯାତ୍ରୀମାନ୍‌କର୍ ଲାଗି ଦ୍ରୁତ ରେଲ୍ ସଂଯୋଗ୍‌ର ସୁଯୋଗ୍ ବଢ଼ିଛେ । ପୁରୀ ବାଗିର୍ ଧାର୍ମିକ୍ ଆଉ ପର୍ଯ୍ୟଟନ୍‌ସ୍ଥଲୀକେ ଦ୍ରୁତ ରେଲ୍ ସଂଯୋଗ୍ ମିଲ୍‌ବାର୍‌ନୁ ପର୍ଯ୍ୟଟକ୍ ଆଉ ତୀର୍ଥଯାତ୍ରୀମାନ୍‌କର୍ ଯା'ଆସ୍ ସୁବିଧାଜନକ୍ ହେଇଛେ । ଇ ବାବ୍‌ଦେ ଆମର୍ ପୁରୀ ସମ୍ବାଦଦାତା ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍...

(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ବନ୍ଦେ ଭାରତ୍ ଖାଲି ଗୁଟେ ଦ୍ରୁତ ରେଲ୍‌ଯାତ୍ରାର୍ ମାଧ୍ୟମ୍ ନୁହେଁ ଇଟା ଓଡ଼ିଶାର୍ ଯା'ଆସ୍, ପର୍ଯ୍ୟଟନ୍ ଆଉ ଅର୍ଥନୈତିକ୍ ସଂଯୋଗ୍‌କେ ଆହୁରି ମଜ୍‌ବୁତ୍ କର୍‌ବାର୍ ଗୁଟେ ନୂଆଁ ସମ୍ଭାବନା ଆଏ । ଆକାଶ୍‌ବାଣୀ ସମ୍ବାଦ୍ ବିଭାଗ୍ ତର୍‌ଫୁ ମୁଇଁ ସୁପ୍ରିତୀ ମିଶ୍ର ।

ସମୀକ୍ଷା ବୈଠକ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଘର୍ କେନ୍ଦ୍ରମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ଜିଲ୍ଲାର୍ କୃଷି, ଉଦ୍ୟାନ୍ କୃଷି ଆଉ ମତ୍ସ୍ୟ ବିଭାଗ୍‌ର ସମୀକ୍ଷା କରାଯାଇଛେ । ଜିଲ୍ଲା ନ ଉତ୍ପାଦନ୍ ହେଉଥିବା ଲିଚୁ, ମିର୍ଚା, ଫୁଲ୍ ଆର୍ ଆମ୍‌ର ଉତ୍ପାଦନ୍ ବଢ଼ାବାର୍ ସହେତେ ବାହାର୍ ରାଜ୍ୟକେ ରପ୍ତାନୀ

ଉପ୍‌ରେ ନୂଆଁ ଯୋଜ୍‌ନା ଲାଗୁ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଛେ ।

ମାଇ ଭାରତ୍- ସମ୍ବଲପୁର          ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ଜିଲ୍ଲା ବୁର୍ଲା ଭିସୁଟ୍ ଠାନେ ମାଇ ଭାରତ୍ ତର୍‌ଫୁ ବନ୍ଦେ ମାତରମ୍ କେମ୍ପର୍ ଉଦ୍‌ଘାଟନ୍ ହେଇଛେ । ସମ୍ବଲପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେଇକରି ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଆଉ ବିକଶିତ୍ ଭାରତ୍ ୨୦୪୭ ବାବ୍‌ଦେ ଆଲୋଚନା କରିଥିଲେ । ଯୁବପିଢ଼ିଙ୍କର୍ ଭିତ୍‌ରେ ଜାତୀୟ ଏକତା, ଦେଶ୍‌ପ୍ରେମ୍, ସାମ୍ବିଧାନିକ୍ ମୂଲ୍ୟବୋଧ୍, ସାଂସ୍କୃତିକ୍ ଆଦାନ୍ ପ୍ରଦାନ୍ ଆଉ ନେତୃତ୍ୱ, ଦକ୍ଷତାର୍ ବିକାଶ୍ ଲାଗି ବକ୍ତାମାନେ ଜୋର୍ ଦେଇଥିଲେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବା ମଙ୍ଗଲ୍‌ବାର୍ ତକ୍ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ୯ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାୟାଇଛେ ।